ଧରିତ୍ରୀ
DHARITRI
ମଙ୍ଗଳବାର, ୧ ଜୁନ ୨୦୨୧



## ବାଲି ବୋଝେଇ ଟ୍ରାକ୍ଟରରୁ ଜରିମାନା

**ପାଟଣା,(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ତହସିଲ ଅନ୍ତର୍ଗତ ତୁରୁମୁଙ୍ଗା ରାଜସ୍ୱ ନିରୀକ୍ଷକ ଅନ୍ତର୍ଗତ ଝାରବେଡା ନାଳରୁ ସୋମବାର ବେଆଇନ ବାଲି ଉତ୍ତୋଳନ କରାଯାଉଥିଲା। ଚୋରା ଚାଲାଣ ହେଉଥିବା ଖବର ପାଇ ପାଟଣା ତହସିଲଦାର ଏନ୍ଫୋର୍ସମେଣ୍ଟ ସ୍କ୍ୱାଡ ସହ ଘଟଣା ସ୍ଥଳରେ ପହଞ୍ଚି ଗୋଟିଏ ଟ୍ରାକ୍ଟର ଜବତ କରିଛନ୍ତି। ଏହି ଟ୍ରାକ୍ଟରରୁ ମୋଟ ୧୨,୧୨୦ଟଙ୍କା ଜରିମାନା ଆଦାୟ କରାଯାଇଛି। ଏହି ଚଢ଼ାଉରେ ତହସିଲଦାର ତାପସ ରଞ୍ଜନ ଦେହୁରୀ, ସୁପର ଭାଇଜର ବନମାଳୀ ନାଏକ ଓ ସ୍କ୍ୱାଡର ରମାକାନ୍ତ ମାହାନ୍ତ ସାମିଲ ହୋଇଥିଲେ।

## ସଂକ୍ଷେପରେ

### ଦୁର୍ଘଟଣାରେ ଗଲା ୨ ଜୀବନ

**ଖଇରା, ୩୧।୫(ଡି.ଏନ.ଏ.):** ବାଲେଶ୍ୱର ଜିଲା ସୋର-କୁପାରୀ ରାଜ୍ୟ ରାଜପଥ ଖଇରା ଥାନା ଅଧୀନ ନହଙ୍ଗ କଲେଜ ଛକରେ ୨ ବାଇକ ମଧରେ ମୁହାଁମୁହିଁ ଧକ୍କା ହୋଇ ୨ଜଣଙ୍କ ଜୀବନ ଯାଇଛି। ଦୁର୍ଘଟଣାରେ ଜଣେ ଗୁରୁତର ହୋଇଛନ୍ତି।

ଅଗରପଡା ଥାନା ପାଟକନା ଗ୍ରାମର କିଶୋର ଭୁତିଆ ଓ ବାଇଧର ବାରିକ ଖଇରରୁ ଅଗରପଡା ଅଭିମୁଖେ ଯାଉଥିବା ବେଳେ ବିପରୀତ ଦିଗରୁ ଔପଦା ଥାନା ନରଣପୁର ଗ୍ରାମର ନରେନ୍ଦ୍ର ମାଝି ଆସୁଥିଲେ। ଉଭୟ ବାଇକ୍ ମଧରେ ମୁହାଁମୁହିଁ ହୋଇଥିଲା। ଫଳରେ ୩ଜଣ ଯାକ ଛିଟିକ ପଡ଼ିଥିଲେ। ସ୍ଥାନୀୟ ଗ୍ରାମବାସୀ ଏହାଦେଖି ଖଇରା ଦମକଳ ବାହିନୀକୁ ଖବର ଦେଇଥିଲେ। ଦମକଳବାହିନୀ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ଖଇରା ମେଡିକାଲକୁ ନେଇଯାଇଥିଲେ। ଘଟଣାସ୍ଥଳରେ ନରେନ୍ଦ୍ର ମାଝିଙ୍କର ମୃତ୍ୟୁ ହୋଇଥିବା ବେଳେ କିଶୋର ଭୂତିଆଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ବାଇଧର ବାରିକଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଭଦ୍ରକ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି।

### ଫେରାର ଅଭିଯୁକ୍ତ ଗିରଫ

**ପାଟଣା,୩୧।୫(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ବ୍ଲକ କଣ୍ଟିଆପଡ଼ା ଗ୍ରାମର ପୁରୁଷୋତ୍ତମ ମହାକୁଡ଼ଙ୍କୁ ସୋମବାର ତୁରୁମୁଙ୍ଗା ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ୨୦୧୯ମସିହାରେ ତାଙ୍କ ନାମରେ ଏକ ହତ୍ୟା ମାମଲା ରହିଥିଲା। ସେହିଦିନଠାରୁ ସେ ଫେରାର ଥିଲେ। ସେସନ କୋର୍ଟରୁ ତାଙ୍କ ନାମରେ ଗିରଫ ପରୱାନା ରହିଥିଲା।

### ଚୋରି ଅଭିଯୋଗ: ବାଳସୁଧାର ଗୃହକୁ ଗଲେ ନାବାଳକ

**ଭଣ୍ଡାରିପୋଖରୀ,୩୧।୫(ଡି.ଏନ.ଏ.):** ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବଜାରରୁ ଚୋରି କରିବା ଅଭିଯୋଗରେ ସ୍ଥାନୀୟ ପୋଲିସ ଜଣେ ନାବାଳକଙ୍କୁ ଧରିଛି। ଏଥିସହ ତାଙ୍କଠାରୁ ଚୋରି ସାମଗ୍ରୀ ଜବତ କରାଯାଇଛି। ଏହି ଘଟଣାରେ ପୋଲିସ ଏକ ମାମଲା (ନଂ.୧୮୦/୨୧) ରୁଜୁ କରି ସୋମବାର ନାବାଳକଙ୍କୁ ଅନୁଗୋଳର ବାଳସୁଧାର ଗୃହକୁ ପଠାଇଛି। ପ୍ରକାଶ ଯେ, ଗତ ୨୯ ତାରିଖ ରାତିରେ ଭଣ୍ଡାରିପୋଖରୀ ଥାନାଠାରୁ ଅନତି ଦୂରରେ ଥିବା ଏକ ତେଜରାତି ଦୋକାନରୁ ନାବାଳକ ଚୋରି କରିଥିଲେ। ଏହାପରେ ସେ ଚୋରି ସାମଗ୍ରୀକୁ ସ୍ଥାନୀୟ ତୁରତ ଗ୍ରାମର ଜଣେ ବ୍ୟକ୍ତିଙ୍କୁ ବିକ୍ରି କରି ଦେଇଥିଲେ।

### ବାତ୍ୟା ଅଞ୍ଚଳରେ କଂଗ୍ରେସ ଟିମ୍

**ବାହାନଗା,୩୧।୫(ଡି.ଏନ.ଏ.):** ବାତ୍ୟା 'ୟାସ' କ୍ଷୟକ୍ଷତି ଅନୁଧ୍ୟାନ ପାଇଁ ରବିବାର କଂଗ୍ରେସର ଏକ ଟିମ ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗ୍ରସ୍ତ କରିଥିଲେ। ସେମାନେ ବାତ୍ୟା ପ୍ରପୀଡ଼ିତ ଖରାସାହାପୁର, ଖରାସାହାପୁର ମାଝିସାହି, ବରଜଦେଉଳି ଯାଇ ଲୋକଙ୍କ ସମସ୍ୟା ବାବଦରେ ପଚାରି ବୁଝିଥିଲେ। ଏଥିରେ ପୂର୍ବତନ ଏମ୍ପି ପ୍ରଦୀପ ମାଝି, ବାଲେଶ୍ୱର ଲୋକସଭା ଆସନର ପ୍ରାର୍ଥୀ ନବଜ୍ୟୋତି ପଟ୍ଟନାୟକ, ଜିଲା ପରିଷଦ ସଦସ୍ୟ ଶରତ ରାଜ, ବ୍ଲକ କଂଗ୍ରେସ ସଭାପତି ବସନ୍ତ ସାହୁ, ବିଷ୍ଣୁପୁର ସମିତି ସଭ୍ୟ ସାଧୁଚରଣ ପରିଡ଼ା, ଯୁବନେତା ଗୌତମ ସାହୁ, ରଞ୍ଜନ ଦାସଙ୍କ ସହ ସ୍ଥାନୀୟ ନେତୃ ବୃନ୍ଦ ସାମିଲ ଥିଲେ।

# ଜଳବନ୍ଦୀରେ ନଦୀକୂଳିଆ ଗାଁ

**ପଦ୍ମପୁର, ୩୧।୫(ଡି.ଏନ.ଏ.)**

- ମନ୍ତେଇ, କଞ୍ଚୁଡ଼ି, ଧଳା ନଦୀରେ ଭରି ରହିଛି ବର୍ଷାଜଳ
- ସମସ୍ୟା ଭୋଗୁଛନ୍ତି ଗ୍ରାମବାସୀ
- ପହଞ୍ଚି ପାରିନାହିଁ ସହାୟତା

ବାତ୍ୟା 'ୟାସ୍' ପ୍ରଭାବରେ ପ୍ରବଳ ବର୍ଷା ଯୋଗୁ ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଦେଇ ପ୍ରବାହିତ ମନ୍ତେଇ, କଞ୍ଚୁଡ଼ି ଓ ଧଳା ନଦୀରେ ଜଳସ୍ତର ବୃଦ୍ଧି ପାଇଛି। ଫଳରେ ବନ୍ୟା ଆସି ନଦୀକୂଳିଆ ଗାଁଗୁଡ଼ିକ ଜଳମଗ୍ନ ହୋଇଯାଇଛି। ପଦ୍ମପୁର ପଞ୍ଚାୟତର ଅଗାପୁର, ସରତରପୁର, ସନନ୍ଦପୁର, ସୁଗୋ ପଞ୍ଚାୟତର କୁସୁନବିନ୍ଧା, କାଞ୍ଜିଖିଆ, କଲ୍ୟାଣପୁର, ଜଗନ୍ନାଥପ୍ରସାଦ ପଞ୍ଚାୟତର ଦଧିବାମନପୁର, ଜଗନ୍ନାଥପ୍ରସାଦ, ମିଶ୍ରପୁର, ମମାଦିଲା, କୋରବାଟିଆ, ଛତ୍ରପୁର, ବାଲିମେଦ ପଞ୍ଚାୟତର ଚାରବାଟିଆ, ଛତରପଦା, କାଳିଦାସପୁର, ଆନ୍ଦୋଳା ପଞ୍ଚାୟତର ଖାଣ୍ଟଖୁଆଡ଼, କୁଆଳି, କାଶିପୁର, ଆନ୍ଦୋଳା, ଗୋପାଳପୁର, ଲକ୍ଷ୍ମୀଦାସପୁର ପଞ୍ଚାୟତର ଶ୍ରୀବସ୍ତପୁର, ଜୀବନପୁର, ବାଲିମୁଣ୍ଡା ପଞ୍ଚାୟତର ହାବେଳି ସାହି ଓ ନନ୍ଦପାଟଣା ଗ୍ରାମ ଜଳଘେରରେ ରହିଛି। ସେହିପରି ଧାନ ବିଲରେ ୩ରୁ ୪ ଫୁଟର ପାଣି ଜମିଛି।

ବଙ୍ଗୋପସାଗରରେ ଜୁଆର ଯୋଗୁ ଏହି ୩ ନଦୀର ଜଳସ୍ତର କମି ନାହିଁ। ଫଳରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବନ୍ୟା ଯୋଗୁ ଅତ୍ୟାବଶ୍ୟକ ସାମଗ୍ରୀ ପାଇଁ ସେମାନେ ବାହାରକୁ ବାହାରି ପାରୁ ନ ଥିବା ବେଳେ ସରକାରୀ ସହାୟତା ମଧ ପହଞ୍ଚି ପାରିନାହିଁ। ଅଞ୍ଚଳରେ ଶତାଧିକ କଚାଘର ଭାଙ୍ଗିଯାଇଥିଲେ ମଧ କ୍ଷୟକ୍ଷତିର ଆକଳନ କରାଯାଇ ନାହିଁ। ଅନ୍ୟପଟେ ବିପର୍ଯ୍ୟୟ ପ୍ରଶମନ ବିଭାଗ ପକ୍ଷରୁ ପଞ୍ଚାୟତକୁ ବନ୍ୟା ସମୟରେ ବ୍ୟବହାର କରାଯିବା ଲାଗି ଉଦ୍ଦିଷ୍ଟ ଥିବା ମୋଟର ଚାଳିତ ବୋଟ୍ ମନ୍ତେଇ ନଦୀ କୂଳରେ ଅକାମୀ ହୋଇ ପାଣିରେ ବୁଡ଼ି ରହିଛି। ବର୍ଷକ ତଳେ ଏହି ବୋଟ୍‌ର ମରାମତି କରାଯାଇଥିବା ବେଳେ ବର୍ତ୍ତମାନ ଏହା ଅଚଳ ହୋଇ ପଡ଼ିରହିଛି। ଲୋକଙ୍କ ଉଦ୍ଧାର କାର୍ଯ୍ୟରେ ଏହା ଲାଗିପାରୁ ନାହିଁ।


ପାଣିଘେରରେ ମିଶ୍ରପୁର ଗାଁ।

# ଡାକ୍ତରଖାନା ପରିଦର୍ଶନ କଲେ ବିଧାୟିକା


ଚମ୍ପୁଆ ଡାକ୍ତରଖାନା ପରିଦର୍ଶନବେଳେ ବିଧାୟିକା ମୀନାକ୍ଷୀ ମହାନ୍ତ ଡାକ୍ତରଙ୍କ ସହ ଆଲୋଚନା କରୁଛନ୍ତି।

**ଯୋଡ଼ା/ଚମ୍ପୁଆ, ୩୧।୫(ଡି.ଏନ୍.ଏ.)**

କେନ୍ଦୁଝର ଜିଲା ଚମ୍ପୁଆ ବିଧାୟିକା ମିନାକ୍ଷୀ ମହାନ୍ତ ସୋମବାର ଚମ୍ପୁଆ ଉପଖଣ୍ଡ ଡାକ୍ତରଖାନା ପରିଦର୍ଶନ କରିବା ସହିତ ଡାକ୍ତରଖାନାରେ କୋଭିଡ ପରିଚାଳନା ନିମନ୍ତେ ଉପଖଣ୍ଡ ଚିକିତ୍ସା ଅଧିକାରୀ ଡଃ ଉମାକାନ୍ତ ସାହୁଙ୍କ ସହ ଆଲୋଚନା କରିଛନ୍ତି। ସୂଚନା ଅନୁସାରେ କୋଭିଡ ପରିଚାଳନା କ୍ଷେତ୍ରରେ କୋଭିଡ ପରୀକ୍ଷା ଓ ଟିକାକରଣ ପାଇଁ ଏହି ଚିକିତ୍ସାଳୟ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଆଣ୍ଟିଜେନ ଓ ଆରଟିପିସିଆର ପରୀକ୍ଷା ଦ୍ୱାରା ରୋଗ ଚିହ୍ନଟ ଓ ନିୟମିତ ୪୫ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତି ବିଶେଷଙ୍କୁ ଟିକାକରଣ ସହିତ ବିଭିନ୍ନ ବିଭାଗ ସହ ଯୋଡି ହୋଇ ଘରକୁ ଘରକୁ ଯାଇ ପରୀକ୍ଷା କରିବାରେ ଏହି ଉପଖଣ୍ଡ ଚିକିତ୍ସାଳୟ ସେବା ଯୋଗାଇ ଦେଇଆସୁଛି। ଏତଦ୍‌ବ୍ୟତୀତ ଉପଖଣ୍ଡ ଚିକିତ୍ସାଳୟର ଓପିଡି ଗୃହର ନବୀକରଣ ପାଇଁ ପ୍ରସ୍ତାବିତ କାର୍ଯ୍ୟକୁ ଅନୁଧାନ କରିଥିଲେ।

# ଏନ୍‌ଏଚ୍ ୪୯ ଜାମ୍, ଆମ୍ବୁଲାନ୍ସ ଅଟକ

**କେନ୍ଦୁଝର, ୩୧।୫ (ସ୍ୱ.ପ୍ର.)**

କେନ୍ଦୁଝର ସଦର ଥାନା ଅନ୍ତର୍ଗତ ଶୁଆକାଟି ସ୍ଥିତ ଗନ୍ଧମାର୍ଦ୍ଦନ ଖଣିରୁ ଲୁହାପଥର ପରିବହନ ଓ ପାର୍କିଂ ବ୍ୟବସ୍ଥାରେ ତ୍ରୁଟିପୂର୍ଣ୍ଣ ପରିଚାଳନା ଯୋଗୁ ସ୍ଥାନୀୟ ଲୋକ ତଥା ଯାତାୟାତ କରୁଥିବା ଲୋକମାନେ ଅକଥନୀୟ ଅସୁବିଧା ଭୋଗୁଛନ୍ତି। ଏହି ଅଞ୍ଚଳ ଦେଇ ଯାଇଥିବା ମୁମ୍ବାଇ-କଲିକତା ଜାତୀୟ ରାଜପଥ ୪୯ ଅନେକ ସମୟରେ ଟ୍ରକ ଯୋଗୁ ଜାମ ହୋଇଯାଉଥିବାରୁ ଯାତାୟତ ବାଧାପ୍ରାପ୍ତ ହେଉଛି। ଏପରିକି ରୋଗୀ ନେଇ ଯାଉଥିବା ଆମ୍ବୁଲାନ୍ସକୁ ମଧ ଦୀର୍ଘ ସମୟ ଅଟକି ରହିବାକୁ ପଡୁଛି। ଏନେଇ ବାରମ୍ବାର ଅଭିଯୋଗ କରାଯାଉଥିଲେ ମଧ ଖଣି କର୍ତ୍ତୃପକ୍ଷଙ୍କ ପକ୍ଷରୁ କୌଣସି ସ୍ଥାୟୀ ସମାଧାନ କରାଯାଉ ନାହିଁ। ଏଣୁ ଟ୍ରକ ଠିକ ପରିଚାଳନା କରିବା ସହ ପାର୍କିଂ ବ୍ୟବସ୍ଥାକୁ ସୃଦୃଢ କରି ଏନ୍‌ଏଚ୍‌କୁ ଅବରୋଧ ମୁକ୍ତ କରିବା ପାଇଁ ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକେ ଜିଲାପାଳଙ୍କୁ ନିବେଦନ କରିଛନ୍ତି।

# ଏଟିଏମ୍ ଲୁଟ ଉଦ୍ୟମ ପଣ୍ଡ, ଦୁଇ ଗିରଫ

**ବଡବିଲ, ୩୧।୫(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ବଡବିଲ ଥାନା ଅନ୍ତର୍ଗତ ଠାକୁରାଣୀସ୍ଥିତ ଏସବିଆଇ ଏଟିଏମ ଲୁଟ ଉଦ୍ୟମ ଅଭିଯୋଗରେ ପୋଲିସ ସୋମବାର ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଠାକୁରାଣୀ ଅଞ୍ଚଳର ସାମୁଏଲ ମୁଣ୍ଡା ଏବଂ ଭଗବାନ ଦାସ। ସୂଚନା ଅନୁଯାୟୀ, ଶନିବାର ରାତିରେ ବଡବିଲ ଶାଖା ଅଧୀନରେ ଥିବା ଠାକୁରାଣୀସ୍ଥିତ ଏଟିଏମକୁ ଦୁର୍ବୃତ୍ତମାନେ ତାଡିବା ବେଳେ ହଠାତ ସାଇରନ ବାଜିବା ସହ ମୁମ୍ବାଇସ୍ଥିତ ଏସବିଆଇ ମୁଖ୍ୟ କାର୍ଯ୍ୟାଳୟରୁ ବଡବିଲ ଥାନାକୁ ସୂଚନା ଆସିଥିଲା। ତୁରନ୍ତ ବଡବିଲ ପୋଲିସ ପାଟ୍ରୋଲିଂ ଟିମ ଘଟଣାସ୍ଥଳରେ ପହଞ୍ଚିଯିବାରୁ ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲେ। ଲୁଟ ଉଦ୍ୟମ ବିଫଳ ହୋଇଯାଇଥିଲା। ଏନେଇ ସୋମବାର ଏସବିଆଇ ବଡବିଲ ଶାଖା ମୁଖ୍ୟ ପରିଚାଳକ ଥାନାରେ ଲିଖିତ ଏତଲା ଦେବା ପରେ ପୋଲିସ ଏକ ମାମଲା (ନଂ.୮୭/୨୦୨୧)ରୁଜୁ କରି ତଦନ୍ତ ଜାରି ରଖିଥିଲା। ୨ଅଭିଯୁକ୍ତ ଗିରଫ ହୋଇଥିବାବେଳେ ଅନ୍ୟ ଜଣେ ଅଭିଯୁକ୍ତ ଫେରାର ଥିବା ବଡବିଲ ଥାନା ଆଇଆଇସି ସୁଶାନ୍ତ ଦାଶ ସୂଚନା ଦେଇଛନ୍ତି।

# ଲୋକପ୍ରତିନିଧିଙ୍କୁ ନେଇ କୋଭିଡ୍ ସଚେତନତା



କାର୍ଯ୍ୟକ୍ରମରେ ଉପସ୍ଥିତ ବିଜେଡି ନେତା ଓ ଲୋକପ୍ରତିନିଧି।

**ବନ୍ତ, ୩୧।୫ (ଡି.ଏନ.ଏ.)**

ଭଦ୍ରକ ଜିଲା ବନ୍ତ ବ୍ଲକ ବିଜେଡ଼ି ପକ୍ଷରୁ ନେତାମାନେ ପଞ୍ଚାୟତ ସଭାପତି, ସମର୍ଥିତ ଲୋକପ୍ରତିନିଧିମାନଙ୍କୁ କରୋନା ସମ୍ପର୍କରେ ସଚେତନ କରାଇଛନ୍ତି। ରାଜ୍ୟ ସମ୍ପାଦକ ତଥା ଭଣ୍ଡାରିପୋଖରୀ ବିଧାୟକ ପ୍ରତିନିଧି ଇଂ. ପ୍ରୟାସକାନ୍ତି ସାମଲଙ୍କ ତତ୍ତ୍ୱାବଧାନରେ ସୋମବାର ବନ୍ତ ସ୍ଥିତ ଜଳସେଚନ କାର୍ଯ୍ୟାଳୟ ଡାକବଙ୍ଗଳାଠାରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବ୍ଲକ ବିଜେଡି ସଭାପତି କମଳାକାନ୍ତ ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ଜିଲା ସଭାପତି ଜଗନ୍ନାଥ ସ୍ୱାଇଁ କରୋନାରୁ ରକ୍ଷା ପାଇଁ ସରକାରଙ୍କ ସମସ୍ତ ନୀତିନିୟମ ପାଳନ କରିବା ସହ ଅନ୍ୟମାନଙ୍କୁ ସଚେତନ କରାଇବାକୁ ପରାମର୍ଶ ଦେଇଥିଲେ। ଅନ୍ୟପକ୍ଷେ ବାତ୍ୟା କ୍ଷୟକ୍ଷତିର ଠିକ୍ ଆକଳନ କରି ତଥ୍ୟ ପ୍ରଦାନ କରିବା ସହ ସଙ୍ଗଠନ ବୃଦ୍ଧି କରିବାକୁ ସେ କହିଥିଲେ। ବିଧାୟକ ପ୍ରତିନିଧି ସାମଲ କୋଭିଡ୍ ପରିଚାଳନା ପାଇଁ ବିଧାୟକଙ୍କ ପକ୍ଷରୁ ବ୍ଲକ ପାଇଁ ୩ ବୋଲେରୋ, ଦୁଇଗୁଣ ମାସ୍କ, ସାବୁନ, ସାନିଟାଇଜର ଏବଂ ବାତ୍ୟାରେ ଘରଛପର କ୍ଷତିଗ୍ରସ୍ତ ଲୋକଙ୍କ ଲାଗି ପଞ୍ଚାୟତ ପିଛା ୧୬ ପଲିଥିନ ଯୋଗାଇ ଦିଆଯାଇଥିବା ସୂଚନା ଦେଇଥିଲେ। ବ୍ଲକ ଅଧକ୍ଷ ଦେବେନ୍ଦ୍ର ଜେନା, ଜିଲା ପରିଷଦ ସଭ୍ୟା ରେବତୀ ନାୟକ, ସଭ୍ୟ ପ୍ରଶାନ୍ତ ଦାଶ, ରବୀନ୍ଦ୍ର ଦାସ, ଏମ୍ପି ପ୍ରତିନିଧି ଶ୍ରୀନାଥ ମହାନ୍ତି, ବ୍ଲକ ବିଜେଡି ସମ୍ପାଦକ ସୁବାସ ଦାସ, ଯୁବ ବିଜେଡି ସଭାପତି ସତ୍ୟସାଧନ ବେଜ, ଛାତ୍ର ବିଜେଡି ସଭାପତି ପ୍ରଣବ କିଶୋର ଲେଙ୍କା, ବସନ୍ତ ବେହେରା, ଭୀମ ଚରଣ ସାମଲ, ନିହାରିକା ରାଉତ, ଲକ୍ଷ୍ମୀକାନ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ୨ ଦୋକାନ, ବିୟୁଟି ପାର୍ଲର ସିଲ୍


ପୋଲିସ ପାର୍ଲରକୁ ସିଲ୍ କରୁଛି।

**ବନ୍ତ,୩୧।୫(ସ୍ୱ.ପ୍ର.)**

ଭଦ୍ରକ ଜିଲା ବନ୍ତ ବ୍ଲକ ଆଗରପଡ଼ା ବଜାରରେ ସୋମବାର ଲକ୍‌ଡାଉନ ନିୟମ ଉଲ୍ଲଂଘନ କରି ଖୋଲାଯାଇଥିବା ୨ ଦୋକାନ ଓ ଏକ ବିୟୁଟି ପାର୍ଲରକୁ ପୋଲିସ ସିଲ୍ କରିଛି। ସପ୍ତାହାନ୍ତ ଶଟ୍‌ଡାଉନ ପରେ ସୋମବାର ବଜାରରେ ଭିଡ଼ ପରିଲକ୍ଷିତ ହେବାରୁ ଆଗରପଡ଼ା ଥାନାଧିକାରୀ ସୁକାନ୍ତି କେରେଇଙ୍କ ନିର୍ଦ୍ଦେଶ କ୍ରମେ ପୋଲିସ ପାଟ୍ରୋଲିଂ କରିବା ସହ ବାଇକ୍ ଚେକିଂ କରାଯାଇଥିଲା। ପାଟ୍ରୋଲିଂ ବେଳେ ବିୟୁଟି ପାର୍ଲର, ବେକେରି ଦୋକାନ ଓ ଖୁଚୁରା ପେଟ୍ରୋଲ ଦୋକାନ ଖୋଲା ହୋଇଥିବା ପୋଲିସ ନଜରକୁ ଆସିବା ପରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି।

# ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ, ଅଭିଯୁକ୍ତ ଗିରଫ

**ବଡବିଲ, ୩୧।୫(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ବଡବିଲ ଥାନା ନାଲଦା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ ଅଭିଯୋଗରେ ପୋଲିସ ସୋମବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଅଭିମନ୍ୟୁ ସାଣ୍ଡିଲ। ବଡବିଲ ପୋଲିସ ଏନେଇ ଏକ ମାମଲା (ନଂ୮୬/୨୦୨୧) ରୁଜୁ କରି ତଦନ୍ତ ଜାରି ରଖିଛି।

# ଯୌତୁକ ପାଇଁ ବଧୂହତ୍ୟା ଅଭିଯୋଗ

**ବାସୁଦେବପୁର, ୩୧।୫(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ଖରିଦା ବିନାୟକପୁର ପଞ୍ଚାୟତ କଣ୍ଟାବଣିଆ ଗ୍ରାମରେ କବିତା ସେନାପତି ନାମ୍ନୀ ମହିଳାଙ୍କୁ ଯୌତୁକ ପାଇଁ ହତ୍ୟା କରାଯାଇଥିବା ଥାନାରେ ଅଭିଯୋଗ ହୋଇଛି। ତାଙ୍କ ଭଉଣୀଙ୍କୁ ଶାଶୁଘର ଲୋକେ ମାରି ଦେଇଥିବା ମୃତା କବିତାଙ୍କ ଭାଇ ପ୍ରଶାନ୍ତ ସେନାପତି ସୋମବାର ବାସୁଦେବପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ, ପାଟଣା ମିଶ୍ରପୁର ଗ୍ରାମର ବିଶ୍ୱନାଥ ସେନାପତିଙ୍କ ଝିଅ କବିତାଙ୍କ ସହ କଣ୍ଟାବଣିଆ ଗ୍ରାମର ଭରତ ବାରିକଙ୍କର ୨୦୨୦ ଜୁଲାଇ ୧୪ରେ ବିବାହ ହୋଇଥିଲା। ପରେ ଅଧିକ ଯୌତୁକ ଦାବି କରି ସ୍ୱାମୀ ସମେତ ଶାଶୁଘର ଲୋକ ତାଙ୍କୁ ନିର୍ଯାତନା ଦେଉଥିଲେ। ତାଙ୍କୁ ହତ୍ୟା କରି ବେକରେ ରଶି ଲଗାଇ ଟଙ୍ଗାଇ ଦିଆଯାଇଥିବା ପ୍ରଶାନ୍ତ ଏତଲାରେ ଉଲ୍ଲେଖ କରିଛନ୍ତି। ଏ ନେଇ ଥାନାରେ ମାମଲା (ନଂ.୧୭୩/୨୧) ରୁଜୁ ହୋଇଛି। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଇଛି।

# ସାପ କାମୁଡ଼ାରେ ଯୁବତୀ ମୃତ

**ପଦ୍ମପୁର, ୩୧।୫ (ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ବାଲିମେଦ ଗ୍ରାମର ପ୍ରଭାସିନୀ ଦାସ(୨୭)ଙ୍କର ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ଶନିବାର ରାତିରେ ସେ ଘରେ ଶୋଇଥିବା ବେଳେ ତାଙ୍କୁ ଏକ ସାପ କାମୁଡ଼ି ଦେଇଥିଲା। ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ନାୟକାଣିଡିହୀ ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମରେ ଅନିୟମିତତା

**ଝୁମ୍ପୁରା,୩୧।୫(ଡି.ଏନ.ଏ.)**

କରୋନା ସମୟରେ ଶ୍ରମଜୀବୀ ପରିବାରଙ୍କୁ ରୋଜଗାର ଯୋଗାଇ ଦେବା ଉଦ୍ଦେଶ୍ୟରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମ ଚାଲୁ ରହିଛି। ଝୁମ୍ପୁରା ବ୍ଲକରେ ଚାଲିଥିବା ଏହି କାମରେ ଅନିୟମିତତା ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ମେଟ ତଥା ଠିକାଦାରମାନେ କେତେକ ଜବକାର୍ଡଧାରୀଙ୍କ କାର୍ଡ ପାଖରେ ରଖି ସେମାନଙ୍କ ନାମରେ ମଷ୍ଟରରୋଲ ତିଆରି କରି ବ୍ୟାଙ୍କରୁ ଟଙ୍କା ଉଠାଉଛନ୍ତି। ଅପରପକ୍ଷେ ମେଶିନ ଲଗାଇ କାମ କରାଯାଉଛି। ଠିକାଦାରଙ୍କ ସର୍ତ୍ତରେ ରାଜି ହେଉ ନ ଥିବା ଶତାଧିକ ଜବକାର୍ଡଧାରୀ କାମ ନ ପାଇ ବସି ରହିଛନ୍ତି। ନିଶ୍ଚିନ୍ତପୁର ପଞ୍ଚାୟତ ପରେ ଏବେ ଗୁକୁଡ଼ିହା ପଞ୍ଚାୟତରେ ଏହି କାମରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଗୁକୁଡିହା ପଞ୍ଚାୟତର କଟୁପଶି ଗ୍ରାମ ବରାବନ୍ଧ ଉନ୍ନତିକରଣ ପାଇଁ ୨୦୨୦-୨୧ଆର୍ଥିକ ବର୍ଷରେ ୮ଲକ୍ଷ ୩୫ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ଅର୍ଥ ବ୍ୟୟ ଅଟକଳ କରାଯାଇଛି। ହାତଗଣତି କେତେଜଣ ଜବକାର୍ଡଧାରୀ ଏହି କାମରେ ନିୟୋଜିତ ହୋଇଥିବା ବେଳେ ମେଶିନ ସାହାଯ୍ୟରେ କାମ ଚାଲିଛି। କଟୁପଶି ଗ୍ରାମ ସମେତ ପାଖ ଗ୍ରାମର ଶତାଧିକ ଜବକାର୍ଡଧାରୀ କାମ ନ ପାଇ ବ୍ଲକ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି। ବନ୍ଧ ପାଖରେ ଲାଗିଥିବା ସୂଚନା ଫଳକରେ ମଧ ଅସମ୍ପୂର୍ଣ୍ଣ ଲେଖା ରହିଥିବା ବେଳେ ବନ୍ଧ ମାଟି ସବୁ ଏଣେତେଣେ ପକାଯାଇଥିବା ଦେଖିବାକୁ ମିଳିଛି। 'ୟାସ' ବାତ୍ୟା ଯୋଗୁ ବନ୍ଧରେ ପାଣି ଜମି ରହିଛି। ଘଟଣାର ତଦନ୍ତ ପରେ ପଦକ୍ଷେପ ନିଆଯିବ ବୋଲି ବ୍ଲକ ଏପିଓ ପୂର୍ଣ୍ଣଚନ୍ଦ୍ର ନାୟକ କହିଛନ୍ତି।



# ୭ଦିନ ମଧରେ ବିଦ୍ୟୁତ୍ ସମସ୍ୟା ଦୂର ଲାଗି ତାଗିଦ

**ଭୋଗରାଇ, ୩୧।୫(ଡି.ଏନ.ଏ.)**

- ଭୋଗରାଇରେ ଦୁଇ ମନ୍ତ୍ରୀଙ୍କ ସମୀକ୍ଷା
- ପର୍ଯ୍ୟଟନ ପାଇଁ ସ୍ୱତନ୍ତ୍ର ପ୍ୟାକେଜ୍ ନାହିଁ

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକର ବାତ୍ୟା ପ୍ରଭାବିତ ଅଞ୍ଚଳକୁ ସୋମବାର ଶକ୍ତିମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଓ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ପରିଦର୍ଶନ କରି ଅନୁଧାନ କରିଛନ୍ତି। ଦୁଇ ମନ୍ତ୍ରୀ ପରିଦର୍ଶନ କରିବା ପରେ ବ୍ଲକ ସମ୍ମିଳନୀ କକ୍ଷରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ କରିଥିଲ। ଜିଲା ଯୋଜନା ବୋର୍ଡ଼ ଅଧକ୍ଷ ତଥା ଭୋଗରାଇ ବିଧାୟକ ଅନନ୍ତ ଦାସଙ୍କ ପୌରୋହିତ୍ୟରେ ବିଦ୍ୟୁତ୍ ବିଭାଗର ସମସ୍ୟା ସମ୍ପର୍କରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଆଲୋଚନା କରାଯାଇଥିଲା। ଭୋଗରାଇ ଅଞ୍ଚଳରେ ଘନ ଘନ ଅଘୋଷିତ ବିଦ୍ୟୁତ କାଟ ଅଭିଯୋଗରେ ଶକ୍ତିମନ୍ତ୍ରୀ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ର ବିରକ୍ତି ପ୍ରକାଶ କରିବା ସହିତ ୭ଦିନ ମଧରେ ବିଦ୍ୟୁତ୍ ସମସ୍ୟାର ସମାଧାନ କରିବାକୁ ବିଦ୍ୟୁତ୍ ବିଭାଗ ଅଧିକାରୀଙ୍କୁ ତାଗିଦ୍ କରିଥିଲେ। ଟ୍ରାନ୍ସଫର୍ମର, ନୂତନ ତାର, ଉପୁଡ଼ି ପଡ଼ିଥିବା ବିଦ୍ୟୁତ୍ ଖୁଣ୍ଟି, ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରିବା ସହିତ ବିଦ୍ୟୁତ୍ ଉପଭୋକ୍ତାଙ୍କ ପାଇଁ ବିଦ୍ୟୁତ୍ ସେବା ଯୋଗାଇ ଦେବାକୁ ମନ୍ତ୍ରୀ କହିବା ପରେ କାର୍ଯ୍ୟରେ ଅଗ୍ରଗତି କେତେ ସଫଳ ହୋଇଛି ୭ଦିନ ପରେ ପୁଣି ଭୋଗରାଇକୁ ଆସି ସ୍ଥିତି ସମ୍ପର୍କରେ ତଦାରଖ କରିବେ ବୋଲି କହିଥିଲେ।

ପର୍ଯ୍ୟଟନମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଓ ଭୁଷଣ୍ଡେଶ୍ୱର ମହାଦେବ ବିକାଶ ପାଇଁ ୩୬କୋଟି ଟଙ୍କା ଅନୁଦାନ ଦିଆଯାଇଥିବା ପ୍ରକାଶ କରିଥିଲେ। ବାତ୍ୟା ପରବର୍ତ୍ତୀ ସ୍ଥିତି ବଦଳିଲେ ପର୍ଯ୍ୟଟନ କେନ୍ଦ୍ରର ଉନ୍ନତି ପାଇଁ କାର୍ଯ୍ୟ କରାଯିବ ବୋଲି ସେ ପ୍ରକାଶ କରିଥିଲେ। ହେଲେ ବାତ୍ୟାରେ ବାଲେଶ୍ୱର ଉପକୂଳ ପର୍ଯ୍ୟଟନ ମାନଚିତ୍ର ପ୍ରଭାବିତ ହୋଇଥିବା ବେଳେ ପର୍ଯ୍ୟଟନ କେନ୍ଦ୍ରର କ୍ଷତିଭରଣା ପାଇଁ ସ୍ୱତନ୍ତ୍ର ପ୍ୟାକେଜ୍ ଘୋଷଣା ନ ହେବାରୁ ସମୀକ୍ଷା ବୈଠକରେ ନୈରାଶ୍ୟ ସୃଷ୍ଟି ହୋଇଥିଲା। ମନ୍ତ୍ରୀଙ୍କ ସମୀକ୍ଷା ବୈଠକରେ ପଞ୍ଚାୟତ ସମିତି ଅଧକ୍ଷା ମଞ୍ଜୁରାଣୀ ବେହେରା, ଉପାଧକ୍ଷ ଦୀପକ କୁମାର ଦାସ, ବିଡିଓ ସତ୍ୟଜିତ୍ ରାଉତ, ବିଦ୍ୟୁତ୍ ଓ ପର୍ଯ୍ୟଟନ ବିଭାଗର ବରିଷ୍ଠ ପଦାଧିକାରୀ ପଞ୍ଚାୟତ ଜନପ୍ରତିନିଧିମାନେ ଯୋଗଦେଇଥିଲେ।


ବୈଠକରେ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର, ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ବିଧାୟକ ଅନନ୍ତ ଦାସଙ୍କ ସହ ଅନ୍ୟ ଅଧିକାରୀ।

# ଜଳେଶ୍ୱରରେ ବିଦ୍ୟୁତ୍ ବିଭାଗର ନୂତନ କାର୍ଯ୍ୟାଳୟ

**ଜଳେଶ୍ୱର, ୩୧।୫ (ଡି.ଏନ୍.ଏ.)**-ବାଲେଶ୍ୱର ଜିଲାରେ ଉପାନ୍ତ ଜଳେଶ୍ୱର ବ୍ଲକରେ ବାତ୍ୟା ୟାସ୍ ପ୍ରଭାବରେ ବ୍ୟାପକ କ୍ଷତି ହୋଇଛି। ଏହାର ସମୀକ୍ଷା ଲାଗି ଶକ୍ତିମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଓ ପର୍ଯ୍ୟଟନମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ବହୁ କର୍ମକର୍ତ୍ତା ଜଳେଶ୍ୱରରେ ପହଞ୍ଚିଥିଲେ। ସ୍ଥିତି ଅନୁଧାନ ପରେ ରବିବାର ସନ୍ଧ୍ୟାରେ ଖବରଦାତା ସମ୍ମିଳନୀ ଡକାଯାଇ ସମୀକ୍ଷା କରାଯାଇଥିଲା। ବିଧାୟକ ଅଶ୍ୱିନୀ ପାତ୍ର ଅଧକ୍ଷତା କରିଥିଲେ । ଶକ୍ତି ମନ୍ତ୍ରୀ ମିଶ୍ର, ସଂସ୍କୃତି ମନ୍ତ୍ରୀ ପାଣିଗ୍ରାହୀଙ୍କ ସହ ରେମୁଣା ବିଧାୟକ ସୁଧାଂଶୁ ପରିଡା, ଶୁଭେନ୍ଦୁ ମଙ୍ଗରାଜ, ବିଦ୍ୟୁତ୍ ବିଭାଗର ଏସ୍‌ସି ହରିଶ୍ଚନ୍ଦ୍ର ପଣ୍ଡା ଓ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଇଂ. ସୌମ୍ୟରଞ୍ଜନ ନାୟକ, ଏସ୍‌ଡିଓ ଭୁବନ ସାହୁ ପ୍ରମୁଖ ବିଭିନ୍ନ ବିଷୟରେ ସମୀକ୍ଷା କରିଥିଲେ। ପଶ୍ଚିମବଙ୍ଗରୁ ଜଳେଶ୍ୱରକୁ ପ୍ରବେଶ ଦ୍ୱାରଠାରେ ଏକ ସ୍ୱାଗତ ତୋରଣ ସହ ଜଳେଶ୍ୱରରେ ବିଦ୍ୟୁତ୍ ବିଭାଗର ନୂତନ କାର୍ଯ୍ୟାଳୟ ନିର୍ମାଣ ଲାଗି ନିର୍ଦ୍ଦେଶ ଦେଇଥିଲେ।

## ବାତ୍ୟା ବିପନ୍ନଙ୍କ ପାଖରେ ପହଞ୍ଚିଲେ ବିଧାୟକ

**ବାରିପଦା ଅଫିସ:** ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ଅଞ୍ଚଳରେ ବାତ୍ୟାରେ କ୍ଷୟକ୍ଷତି ଘଟିଥିବା ଲୋକଙ୍କୁ ଭେଟି ବଡ଼ସାହି ବିଧାୟକ ସନାତନ ବିଜୁଳି ସହାୟତା ପ୍ରଦାନ କରିଛନ୍ତି। ବ୍ଲକର ରଙ୍ଗପାଣି, ଅସ୍ତପୁରା, ଆଗୁଆଡ଼, ଗନ୍ଧାଳୀ, ଟକିରବାଟି, କୋଲକୁଣ୍ଡା, ତ୍ରିଲୋଚନପୁର ଅଞ୍ଚଳରେ ବିଧାୟକ ପହଞ୍ଚି ବିପନ୍ନମାନଙ୍କୁ ପଲିଥିନ, ଶୁଖିଲା ଖାଦ୍ୟ ମଧ୍ୟରେ ଚୂଡ଼ା, ଅମୂଲ, ବିସ୍କୁଟ, ଚିନି, କ୍ୟାଣ୍ଡେଲ ଓ ଦିଆସିଲି ଆଦି ପ୍ରଦାନ କରିଛନ୍ତି। ପ୍ରଥମ ଦିନରେ ୪୦ ପରିବାରକୁ ଏହି ସହାୟତା ପ୍ରଦାନ କରିଥିବା ବେଳେ ଆଗାମୀ ଦିନରେ ଏହାକୁ ବ୍ୟାପକ କରାଯାଇ ସମସ୍ତଙ୍କୁ ଦିଆଯିବ ବୋଲି ବିଧାୟକ ବିଜୁଳି କହିଥିଲେ।

# ଖଣି କାର୍ଯ୍ୟ ବନ୍ଦ ପାଇଁ ଚେତାବନୀ

**ଯୋଡ଼ା,୩୧।୫(ଡି.ଏନ.ଏ)**

କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳର ନୂଆଗାଁସ୍ଥିତ ଜେଏସ୍‌ଡବ୍ଲ୍ୟୁ ଲୁହାପଥର ଖଣିରେ ଖଣି ପ୍ରଭାବିତଙ୍କୁ ନିଯୁକ୍ତି ଓ ପରିବହନ କାର୍ଯ୍ୟ ପ୍ରଦାନରେ ଅଣଦେଖା କରାଯାଉଥିବା ଅଭିଯୋଗ ହୋଇଛି। ଏନେଇ ଦୁଇ ପଞ୍ଚାୟତବାସୀ ଖଣି ପରିବହନ କାର୍ଯ୍ୟ ବନ୍ଦ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଅଭିଯୋଗ ଅନୁଯାୟୀ, ୨୦୨୦ରୁ ନିଲାମ ପ୍ରକ୍ରିୟାରେ ଖଣି ହାତେଇ କମ୍ପାନୀ କାର୍ଯ୍ୟ ଆରମ୍ଭ କରିଛି। ୨୦୨୦ ଜୁନ ମାସରେ ସ୍ଥାନୀୟ ଗୁଆଲି ମା' ତାରିଣୀ ଟ୍ରକ ମାଲିକ ସଂଘ, ସ୍ଥାନୀୟ ପରିବହନକାରୀ ସଂସ୍ଥାଙ୍କ ସହିତ ନିଯୁକ୍ତି ଓ ପରିବହନ କାର୍ଯ୍ୟ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଜେଏସ୍‌ଡବ୍ଲ୍ୟୁର ସିଇଓ ରଞ୍ଜନ ନାଏକ ଏବଂ ଠିକା ସଂସ୍ଥା ତ୍ରୀବେଣି କମ୍ପାନୀ କର୍ତ୍ତୃପକ୍ଷ ବୈଠକରେ ଉପସ୍ଥିତ ଥିଲେ। ଉକ୍ତ ଖଣିରୁ ଉତ୍ତୋଳିତ ଖଣିଜ ଯେଉଁସ୍ଥାନକୁ ଯିବ ତାହା ସ୍ଥାନୀୟ ଖଣି ପ୍ରଭାବିତ ଗୁଆଲି ଓ ଲୋଇଡାପଦା ପଞ୍ଚାୟତର ପରିବହନ ସଂସ୍ଥାକୁ ହିଁ କାର୍ଯ୍ୟାଦେଶ ଦିଆଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। କିନ୍ତୁ ବର୍ତ୍ତମାନ ପରିସ୍ଥିତିରେ ଖଣି କର୍ତ୍ତୃପକ୍ଷ ସ୍ଥାନୀୟ ପରିବହନକାରୀ ସଂସ୍ଥା ଓ ଟ୍ରକ୍ ମାଲିକ ସଂଘକୁ ଅଣଦେଖା କରି ରାଜ୍ୟ ବାହାରୁ ପରିବହନକାରୀ ସଂସ୍ଥା ଆଣି ମନ ଇଚ୍ଛା କାର୍ଯ୍ୟ କରୁଛି। କମ୍ପାନୀ ଚୁକ୍ତି ମୁତାବକ ଖଣି ପ୍ରଭାବିତ ପଞ୍ଚାୟତର ଯୁବତୀ, ଯୁବକଙ୍କୁ ନିଯୁକ୍ତି ମଧ୍ୟ ଦେଇନାହିଁ। ସ୍ଥାନୀୟ

**ପ୍ରଭାବିତଙ୍କୁ ନିଯୁକ୍ତି ଓ ପରିବହନ କାର୍ଯ୍ୟ ପ୍ରଦାନରେ ଅଣଦେଖା ଅଭିଯୋଗ**

ନିଯୁକ୍ତି ନେଇ ଆଲୋଚନା ପରେ କମ୍ପାନୀ ୨୦୦ ଲୋକଙ୍କୁ ନିଯୁକ୍ତି ଦେବା ପାଇଁ ତାଲିକା ସ୍ଥାନୀୟ ସରପଞ୍ଚଙ୍କୁ ମାଗିଥିଲେ ହେଁ ଅଦ୍ୟାବଧି ଜଣେ ହେଲେ ନିଯୁକ୍ତି ପାଇ ନ ଥିବା ଗୁଆଲି ସରପଞ୍ଚ ପଦ୍ମାବତୀ ନାଏକ ଓ ଲୋଇଡ଼ାପଦା ସରପଞ୍ଚ ଚତୁର୍ଭୁଜ ନାଏକ ଅଭିଯୋଗ କରିଛନ୍ତି। ଏହି ଦୁଇ ପଞ୍ଚାୟତରେ ପ୍ରାୟ ୧୦ ହଜାରରୁ ଊର୍ଦ୍ଧ୍ୱ ଲୋକ ବସବାସ କରନ୍ତି। ଅତୀତରେ ଏହି ଖଣିରେ ପ୍ରାୟ ୫ ହଜାରରୁ ଊର୍ଦ୍ଧ୍ୱ ଲୋକ କାର୍ଯ୍ୟ କରୁଥିଲେ । ମାତ୍ର ଖଣି କମ୍ପାନୀ ସ୍ଥାନୀୟ ଲୋକଙ୍କୁ ଉପେକ୍ଷା କରୁଥିବାରୁ ବେରୋଜଗାର ଖଣି ପ୍ରଭାବିତ ପଞ୍ଚାୟତବାସୀ, ପରିବହନକାରୀ ସଂସ୍ଥା , ଟ୍ରକ୍ ମାଲିକ ସଂଘ ମିଳିତଭାବେ ଆଗାମୀ ଦିନରେ ବାଧ୍ୟ ହୋଇ ଖଣି କାର୍ଯ୍ୟ ବନ୍ଦ କରିବେ ବୋଲି ମା' ତାରିଣୀ ଟ୍ରକ ମାଲିକ ସଂଘର ସଭାପତି କୁଶ ଆପଟ୍ଟ, ସମ୍ପାଦକ ହରେକୃଷ୍ଣ ଆପଟ୍ଟ ଚେତାବନୀ ଦେଇଛନ୍ତି। ଏସମ୍ପର୍କରେ ଜେଏସ୍‌ଡବ୍ଲ୍ୟୁର କର୍ପୋରେଟ ଅଧିକାରୀ ଶିବ ମିଶ୍ରଙ୍କୁ ପଚାରିବାରୁ ନିଯୁକ୍ତି କ୍ଷେତ୍ରରେ ସ୍ଥାନୀୟ ଲୋକଙ୍କୁ ଅଣଦେଖା କରାଯାଇନାହିଁ। ଅଳ୍ପ ଲୋକଙ୍କୁ ନିଯୁକ୍ତି ଦିଆଯାଇଛି। ଆଗାମୀ ଦିନରେ ଆଉ ନିଯୁକ୍ତି ମଧ୍ୟ ଦିଆଯିବ। ପରିବହନ କ୍ଷେତ୍ରରେ ମଧ୍ୟ ବାହାର ପରିବହନକାରୀ ସଂସ୍ଥା ସହିତ ସ୍ଥାନୀୟ ପରିବହନକାରୀ ସଂସ୍ଥାକୁ କାର୍ଯ୍ୟ ଦିଆଯାଇଛି ବୋଲି କହିଛନ୍ତି।

## ହେନ୍ତାଳ, ଝାଉଁବଣ ସୃଷ୍ଟି କରିବାକୁ ଦାବି

**ବାଲେଶ୍ୱର ଅଫିସ, ୩୧।୫**

ସମୁଦ୍ର ଉପକୂଳବର୍ତ୍ତୀ ବାଲେଶ୍ୱର ଜିଲାର ୭ଟି ବ୍ଲକକୁ ସାମୁଦ୍ରିକ ବାତ୍ୟାରୁ ରକ୍ଷା କରିବା ପାଇଁ ସମୁଦ୍ର ପାର୍ଶ୍ୱ ସ୍ଥଳଭାଗରେ ହେନ୍ତାଳ ଓ ଝାଉଁ ବଣ ସୃଷ୍ଟି କରିବା ଏକାନ୍ତ ଆବଶ୍ୟକ ବୋଲି କଂଗ୍ରେସ ଯୁବନେତା ବିକ୍ରମ ପଣ୍ଡା ଦାବି କରିଛନ୍ତି । ବାତ୍ୟା 'ୟାସ୍'ର ଭୟାବହତା ଏବଂ ବିପନ୍ନଙ୍କ ସମ୍ପର୍କରେ ଅବଗତ କରାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ମାଧ୍ୟମରେ ଏପରି ପଦକ୍ଷେପ ନେବା ପାଇଁ ସୋମବାର ଅନୁରୋଧ କରିଛନ୍ତି। ବାଲେଶ୍ୱର ଜିଲାର ଭୋଗରାଇ, ବାଲିଆପାଳ, ରେମୁଣା, ସଦର, ବାହାନଗା, ସିମୁଳିଆ, ସୋର ବ୍ଲକ ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳଗୁଡ଼ିକ ବାତ୍ୟାରେ ବାରମ୍ବାର ପ୍ରଭାବିତ ହେଉଛି। ଏପରିକି ଭୋଗରାଇ ଓ ବାଲିଆପାଳ ଅଞ୍ଚଳରେ ଲୁଣାପାଣି ୧୨ଫୁଟ୍‌ରୁ ଊର୍ଦ୍ଧ୍ୱ ଉପରକୁ ସ୍ଥଳଭାଗ ଆଡ଼କୁ ମାଡ଼ି ଆସିଛି। ଉକ୍ତ ଅଞ୍ଚଳରେ ଚାଷ ଜମିଗୁଡ଼ିକରେ ବାତ୍ୟାର ୬ଦିନ ପରେ ମଧ୍ୟ ଲୁଣି ପାଣି ମାଡ଼ି ରହିଛି। ବହୁ ଲୋକ ଜଳଘେରରେ ରହିଛନ୍ତି। ଘର ଭାଙ୍ଗିବା ସହ ଧନଜୀବନ ସଙ୍କଟାପନ୍ନ। ବିଦ୍ୟୁତ୍ ସରବରାହ ଓ ପାନୀୟଜଳ ଯୋଗାଣ ସ୍ୱାଭାବିକ ହୋଇପାରି ନାହିଁ। ଏଭଳି ପରିସ୍ଥିତି ବାରମ୍ବାର ନ ଆସିବା ପାଇଁ ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳରେ ଝାଉଁ ଗଛ ଲଗାଇବା ଏବଂ ହେନ୍ତାଳ ବଣ ସୃଷ୍ଟି କରି ଦୀର୍ଘ ମିଆଦି ପ୍ରକଳ୍ପ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

## ଗର୍ଭବତୀ ସ୍ତ୍ରୀଙ୍କୁ ମାଡ଼ ମାରି ସ୍ୱାମୀ ଗିରଫ

**କେନ୍ଦୁଝର, ୩୧।୫(ସ୍ୱ.ପ୍ର.)**

କେନ୍ଦୁଝର ଟାଉନ ଥାନା ଅନ୍ତର୍ଗତ ନରଣପୁର ରୁଗୁଡ଼ି ସାହିରେ ଗର୍ଭବତୀ ସ୍ତ୍ରୀଙ୍କୁ ମାଡ଼ ମାରିବା ଅଭିଯୋଗରେ ହରିଶ ଚନ୍ଦ୍ର ବିଶ୍ୱାଳ ନାମକ ଜଣେ ବ୍ୟକ୍ତିଙ୍କୁ ପୋଲିସ ଗିରଫ କରିଛି। ତାଙ୍କ ସ୍ତ୍ରୀ ଏନେଇ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୨୦୫/୨୦୨୧) ରୁଜୁ କରିଛି।

## ସଂକ୍ଷେପରେ

### ସଙ୍ଗଠନ ମଜଭୁତ କରିବାକୁ ଗୁରୁତ୍ୱ

**ବାରିପଦା ଅଫିସ,୩୧।୫:** ମୟୂରଭଞ୍ଜ ଜିଲାରେ ଲୋକମାନଙ୍କୁ ଯୋଡିବା ସହ ନେଟୱାର୍କ ଭଳି କାର୍ଯ୍ୟ କରି ଭାଜପାର ସଙ୍ଗଠନକୁ ମଜଭୁତ କରିବା ପାଇଁ ଏକ ଭର୍ଚୁଆଲ ବୈଠକରେ ରାଷ୍ଟ୍ରୀୟ ପ୍ରବକ୍ତା ଅପରାଜିତା ଷଡ଼ଙ୍ଗୀ ପ୍ରକାଶ କରିଛନ୍ତି। ଜିଲାରେ 'ଆମ ପରିବାର ମୟୂରଭଞ୍ଜ' ନାମରେ ନେଟୱାର୍କ ସ୍ଥାପନ କରି ମିଳିମିଶି ଜିଲାର ବିକାଶ କରିବା ସହିତ ଲୋକମାନଙ୍କୁ ଯୋଡ଼ିବାରେ ରାଜନୀତିର ମୂଳମନ୍ତ୍ର ବୋଲି ଗୁରୁତ୍ୱାରୋପ କରିଥିଲେ। ଆମ ପରିବାର ଓଡିଶାର ଆବାହକ ଜୀବନ କୁମାର ସାହୁଙ୍କ ଆବାହକତ୍ୱରେ ଉକ୍ତ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅନ୍ୟମାନଙ୍କ ମଧ୍ୟରେ ମନ୍ମଥ ମଲ୍ଲିକ, ନିକୁଞ୍ଜ ପଟ୍ଟନାୟକ, ନିଶିକାନ୍ତ ନାୟକ ପ୍ରମୁଖ ଯୋଗଦେଇ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଛନ୍ତି । ଏହି ବୈଠକରେ ବାରିପଦା ବିଧାୟକ ପ୍ରକାଶ ସୋରେନ, ପୂର୍ବତନମନ୍ତ୍ରୀ ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ପୂର୍ବତନ ଏମପି ଲକ୍ଷ୍ମଣ ଟୁଡୁ, ଛୋଟେଲାଲ ମହାନ୍ତଙ୍କ ସମେତ ବହୁ ନେତୃବୃନ୍ଦ ସାମିଲ ଥିଲେ ।

### ବାତ୍ୟା ବିପନ୍ନଙ୍କୁ ସହାୟତା

**ହାଟଡିହୀ,୩୧।୫(ଡି.ଏନ.ଏ.):** କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଇଞ୍ଜୋଳ ବିକାଶ ମଞ୍ଚ ପକ୍ଷରୁ ଇଞ୍ଜୋଳ ପଞ୍ଚାୟତର ବାତ୍ୟା 'ୟାସ୍'ରେ କ୍ଷତିଗ୍ରସ୍ତ ହୋଇଥିବା ପରମାନନ୍ଦପୁର ଓ ଧାନଘର ବିପନ୍ନମାନଙ୍କୁ ସହାୟତା ପ୍ରଦାନ କରାଯାଇଛି। ଚନ୍ଦନ ପଣ୍ଡାଙ୍କ ଆବାହକତ୍ୱରେ ଇଞ୍ଜୋଳ ବିକାଶ ମଞ୍ଚର କର୍ମକର୍ତ୍ତାମାନେ ଉକ୍ତ ଗ୍ରାମରେ ପହଞ୍ଚି ବାତ୍ୟାରେ ପ୍ରଭାବିତ ହୋଇଥିବା ପରିବାର ମାନଙ୍କ ପାଖରେ ପହଞ୍ଚି ବିପନ୍ନଙ୍କୁ ଦିନକର ସାମଗ୍ରୀ ସହ କିଛି ସୁଖିଲା ଖାଦ୍ୟ ବିତରଣ କରିଥିଲେ।

### ସ୍ୱର୍ଣ୍ଣଚୂଡ଼ କଲେଜରେ ଗଣେଶ, ସରସ୍ୱତୀଙ୍କ ମୂର୍ତ୍ତି ସ୍ଥାପନ

**ସଜନାଗଡ଼,୩୧।୫(ଡି.ଏନ.ଏ.):** ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଅଧୀନ ମିତ୍ରପୁରସ୍ଥିତ ସ୍ୱର୍ଣ୍ଣଚୂଡ଼ ମହାବିଦ୍ୟାଳୟରେ ଗଣେଶ ଓ ସରସ୍ୱତୀଙ୍କର ମୂର୍ତ୍ତି ସ୍ଥାପନ କରାଯାଇଛି। ସୋମବାର ଉପଜିଲାପାଳ ହରିଶ୍ଚନ୍ଦ୍ର ଜେନା ଏହି ମୂର୍ତ୍ତି ଉନ୍ମୋଚନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଧକ୍ଷ ଡ. ଶରତ ଚନ୍ଦ୍ର ପାଣିଗ୍ରାହୀ ଓ ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

### ଗ୍ରନ୍ଥାଗାରିକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଭଦ୍ରକ ଅଫିସ, ୩୧।୫:** ଭଦ୍ରକ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ କାର୍ଯ୍ୟାଳୟର ଗ୍ରନ୍ଥାଗାରିକ ଶେକ୍ ମୋଇନ ସୋମବାର ଚାକିରିରୁ ଅବସର ନେଇଛନ୍ତି। କାର୍ଯ୍ୟାଳୟ ପକ୍ଷରୁ ତାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। କାର୍ଯ୍ୟାଳୟ ପରିସରରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୋଲଖ ଚନ୍ଦ୍ର ବେହେରା, କର୍ମଚାରୀ ତାପସ ନାୟକ, ମୀନାକ୍ଷି ଗରାବଡୁ, ସୁକାନ୍ତ ସାହୁ, ସୁରେଶ ତ୍ରିପାଠୀ, ଅଜୟ ନାୟକ ପ୍ରମୁଖ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜଣାଇବା ସହ ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ।

### ଟ୍ୟାଙ୍କରରେ ଜଳଯୋଗାଣ

**ଖଇରା, ୩୧।୫(ଡି.ଏନ.ଏ.):** ବାତ୍ୟା ୟାସ୍ ଯୋଗୁ ଖଇରା ବ୍ଲକର ବିଭିନ୍ନ ଗ୍ରାମ ପାଣିଘେରରେ ରହିଥିବା ବେଳେ ବିଦ୍ୟୁତଖୁଣ୍ଟ ନଷ୍ଟ ହେବା ଓ ତାର ଛିଡିବା ଯୋଗୁ ବିଦ୍ୟୁତ ସେବା ୩ଦିନ ଧରି ବାଧାପ୍ରାପ୍ତ ହୋଇଥିଲା। ଏଭଳି ପରିସ୍ଥିତିରେ ଗ୍ରାମ୍ୟ ପାନୀୟଜଳ ଓ ପରିମଳ ବିଭାଗର କର୍ମଚାରୀମାନେ ବହୁ ବାଧାବିଘ୍ନ ସତ୍ତ୍ୱେ ଲୋକଙ୍କ ନିକଟରେ ବିଶୁଦ୍ଧ ପାନୀୟ ଜଳ ଯୋଗାଇବାକୁ ସକ୍ଷମ ହୋଇଛନ୍ତି । କିଛି ଗ୍ରାମକୁ ଟ୍ୟାଙ୍କରରେ ପିଇବା ପାଣି ପହଞ୍ଚାଇଥିବା ବେଳେ ଜେନେରେଟର ମାଧ୍ୟମରେ ପ୍ରକଳ୍ପ ଚଲାଇ ୫୩ ପ୍ରକଳ୍ପକୁ ଯଥା ସମ୍ଭବ ଚଲାଇ ବିଭିନ୍ନ ସାହିକୁ ପାଣି ପହଞ୍ଚାଇବାକୁ ଉଦ୍ୟମ କରିଥିଲେ।

### ଅବସରପ୍ରାପ୍ତ ଭିଜିଲାନ୍ସ ଅଫିସରଙ୍କ ପରଲୋକ

**ବାହାନଗା,୩୧।୫ (ଡି.ଏନ.ଏ.):** ବାଲେଶ୍ୱର ଜିଲା ବାହାନଗା ବ୍ଲକ ପଣ୍ଡାଶୁଣୀ ଗ୍ରାମର ଅବସରପ୍ରାପ୍ତ ଭିଜିଲାନ୍ସ ଅଫିସର ଜଗଦିଶ ପ୍ରସାଦ ଦାଶ (୮୭)ଙ୍କ ରବିବାର ପରଲୋକ ଘଟିଛି। ଅବସର ପରେ ସେ ଗ୍ରାମର ବିଭିନ୍ନ ସାମାଜିକ କାର୍ଯ୍ୟରେ ନିଜକୁ ନିୟୋଜିତ କରିବା ସହ ବିଭିନ୍ନ ଅନୁଷ୍ଠାନ ସହିତ ଜଡିତ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ୩ପୁଅ, ବୋହୂ, ନାତି ଓ ନାତୁଣୀ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଏବେ ବି ଅନ୍ଧାରରେ ୫ ଗାଁ

**ବାତ୍ୟା ପ୍ରଭାବ**

**ବାହାନଗା, ୩୧।୫(ଡି.ଏନ.ଏ.)**

ବାତ୍ୟା ପରେ ବିଦ୍ୟୁତ ସରବରାହକୁ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଶକ୍ତିମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ବାଲେଶ୍ୱର ଜିଲାରେ ରହି ତଦାରଖ କରୁଛନ୍ତି। ହେଲେ ବାତ୍ୟା ପ୍ରଭାବିତ କେତେକ ଗାଁରେ ଏବେବି ବିଦ୍ୟୁତ୍ ସଂଯୋଗ ହୋଇପାରିନାହିଁ। ଔପଦା ବ୍ଲକ ଦକ୍ଷିଣନରସିଂହପୁର ପଞ୍ଚାୟତ ଅଧୀନ ୫ଟି ଗ୍ରାମର ଲୋକେ ବାତ୍ୟାର ୫ଦିନ ପରେ ବି ଅନ୍ଧାରରେ ରହିଛନ୍ତି । ଦକ୍ଷିଣନରସିଂହପୁର, ପ୍ରତାପପଡା, ଖଡିପଦା, ଚଷାଖଣ୍ଡ, ପଦ୍ମଲାଭପୁର ଆଦି ଗ୍ରାମରେ ବାତ୍ୟା ସମୟରେ ବିଦ୍ୟୁତ ଖୁଣ୍ଟି ଉପୁଡି ପଡିବା ସହିତ ତାର ଛିଡ଼ିଯାଇଛି। ଏ ବିଷୟରେ ଗ୍ରାମବାସୀ ବିଦ୍ୟୁତ ବିଭାଗକୁ ଅଭିଯୋଗ କରିବା ପରେ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଗାଡିରେ ଆସି ଫଟୋ ଉଠାଇ ନେଇଥିଲେ। ହେଲେ ଏଯାଏ କାର୍ଯ୍ୟକାରୀ ହୋଇପାରିନାହିଁ। ବିଜୁଳି ନ ଥିବାରୁ ଦିନ ଓ ରାତିରେ ଅସହ୍ୟ ଗୁଳୁଗୁଳି ସାଙ୍ଗକୁ ପାନୀୟଜଳ ଘୋର ଅଭାବ ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଇଛି। ୨ଦିନ ଭିତରେ ୫ଖଣ୍ଡ ଗ୍ରାମକୁ ବିଦ୍ୟୁତ୍ ଯୋଗାଇ ଦିଆ ନ ଗଲେ ଉକ୍ତ ଗ୍ରାମର ଲୋକମାନେ ରେମୁଣାସ୍ଥିତ ଟିପି ଉତ୍ତରଓଡିଶା ବିଦ୍ୟୁତ ଯୋଗାଣ ଲିମିଟେଡ୍ ଅଫିସ ଆଗରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି ।



ଟ୍ରାନ୍ସଫର୍ମର ପାଖରେ ଚଷାଖଣ୍ଡ ଗ୍ରାମର ବାସିନ୍ଦା।

## ଯମୁନାଶୋଳରେ ରିଲିଫ୍

**ଲଙ୍ଗଳେଶ୍ୱର, ୩୧।୫(ଡି.ଏନ.ଏ.)**

ଓଡ଼ିଶା ମୋ ପରିବାର ପକ୍ଷରୁ ବାଲିଆପାଳ ବ୍ଲକ ନୂଆଗାଁ ପଞ୍ଚାୟତର ଯମୁନାଶୋଳଠାରେ ବାତ୍ୟା ୟାସ ପ୍ରଭାବିତ ଲୋକଙ୍କୁ ରବିବାର ରିଲିଫ୍ ବଣ୍ଟନ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ବାତ୍ୟା ୟାସ ବିପନ୍ନଙ୍କୁ ସହାୟତା ପାଇଁ ଓଡ଼ିଶା ମୋ ପରିବାର ପକ୍ଷରୁ ପ୍ରଭାବିତ ଅଞ୍ଚଳର ଲୋକଙ୍କୁ ସହାୟତା ଯୋଗାଇ ଦେବାକୁ ରିଲିଫ୍ ବଣ୍ଟନର ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ଯମୁନାଶୋଳଠାରେ ପୂର୍ବତନ ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନାଙ୍କ ପତ୍ନୀ ସୁବାସିନୀ ଜେନା ଯୋଗଦେଇ ରିଲିଫ ବଣ୍ଟନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ବିଜୁ କୃଷକ ଜନତା ଦଳର ଜିଲାସଭାପତି ଅଜୟ କୁମାର ସାମଲ, ରାଜ୍ୟ ଯୁବ ସମ୍ପାଦିକା ଲଗ୍ନାଦିପ ମିଶ୍ର, ବରିଷ୍ଠ ବିଜେଡି ନେତା ବଳରାମ ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶ୍ୱିନୀ କୁମାର ଜେନା, ଜିଲାପରିଷଦ ସଭ୍ୟା କସ୍ତୁରୀବାଳା ପାତ୍ର, ମିନତୀ ଜେନା ପ୍ରମୁଖ ଯୋଗଦେଇଥିଲେ।

## ଆଶ୍ରୟସ୍ଥଳରେ ଖାଦ୍ୟ ବଣ୍ଟନ

**ଖଇରା, ୩୧।୫(ଡି.ଏନ.ଏ.)**

ଖଇରା ଅଞ୍ଚଳରେ ସିଲେଇ ଶିକ୍ଷାକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ପ୍ରତିଷ୍ଠା ଲାଭ କରିଥିବା କ୍ଷୁଦ୍ର ଶିଳ୍ପ ସଙ୍ଗଠନ ଲୋପାମୁଦ୍ରା ଗାର୍ମେଣ୍ଟ ତରଫରୁ ଗୁରୁବାର ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳରେ ଥିବା ବିପନ୍ନମାନଙ୍କୁ ରନ୍ଧା ଖାଦ୍ୟ ବଣ୍ଟନ କରାଯାଇଛି। ଗାର୍ମେଣ୍ଟ ମାଲିକ ବିଶ୍ୱଜିତ ଜେନା କେତେକ ବ୍ୟବସାୟୀ ଗୋଷ୍ଠୀ ସୃଜୟା ବିଶ୍ୱାଳ, ଶଶିକାନ୍ତ ପଣ୍ଡା, ପ୍ରଶାନ୍ତ ସାହୁ, ଶିବାନନ୍ଦ ପୃଷ୍ଟି, କମଳାକାନ୍ତ ନାୟକଙ୍କ ସହଯୋଗରେ ଏକ ଭ୍ରାମ୍ୟମାଣ ଗାଡିରେ ଯାଇ କୋଚିଆକୋଇଲି କଲ୍ୟାଣ ମଣ୍ଡପ, ଗଡ ସ୍କୁଲ, ନୟାଖଣ୍ଡି ସ୍କୁଲ, କଅଁଳଖୁଣ୍ଟା ଅଙ୍ଗନୱାଡି କେନ୍ଦ୍ରରେ ରହୁଥିବା ୧୫୦ରୁ ଊର୍ଦ୍ଧ୍ୱ ବିପନ୍ନଙ୍କୁ ଖାଦ୍ୟ ବାଣ୍ଟିଥିଲେ।



ଆଶ୍ରୟସ୍ଥଳରେ ରନ୍ଧାଖାଦ୍ୟ ଦିଆଯାଉଛି।

## ପ୍ରଧାନ ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା

**ବନ୍ତ,୩୧।୫(ସ୍ୱ.ପ୍ର.)**

ଭଦ୍ରକ ଜିଲା ବନ୍ତ ବ୍ଲକ ଆଡ଼ିଆସ୍ଥିତ ଆରଡ଼େଶ୍ୱର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହୃଷିକେଶ ମିଶ୍ରଙ୍କୁ ସୋମବାର ତାଙ୍କ ଅନ୍ତିମ କାର୍ଯ୍ୟ ଦିବସରେ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଅମୂଲ୍ୟ ମିଶ୍ର, ଓଷ୍ଟା ସମ୍ପାଦକ ଶଶିଶେଖର କରଶର୍ମା, ସିଆର୍‌ସିସି ବନମାଳି ଜେନା, ବିଦ୍ୟାଳୟର ପୂର୍ବତନ ସମ୍ପାଦକ ବିଶ୍ୱନାଥ ବିଦ୍ଧାଣି, ଶିକ୍ଷକ ରବୀନ୍ଦ୍ର କୁମାର ଜେନା, ପରମାନନ୍ଦ ପଣ୍ଡା, ଯୁଧିଷ୍ଠିର ନାୟକ, ରବୀନ୍ଦ୍ର ପ୍ରସାଦ ନନ୍ଦ, ବସନ୍ତ ପ୍ରଧାନ, ସନ୍ତୋଷ ଜେନା, ଆଲୋକ ମୁଖାର୍ଜୀ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିବା ସହ ସମ୍ବର୍ଦ୍ଧନା ଜଣାଇଥିଲେ। ସରପଞ୍ଚ ଶଶିବାଳା ସେଠୀ, ପୂର୍ବତନ ସରପଞ୍ଚ ଶଙ୍କର୍ଷଣ ରଥ, ଶିକ୍ଷାବିତ୍ କାଳନ୍ଦୀ ଚରଣ ଖୁଣ୍ଟିଆ, ଲମ୍ବୋଦର ସାହୁଙ୍କ ସହ ପୁରାତନ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।



ପ୍ରଧାନ ଶିକ୍ଷକ ହୃଷିକେଶ ମିଶ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଉଛି।

# ପୁନରୁଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ ଉପରେ ଗୁରୁତ୍ୱ

**ବାଲେଶ୍ୱର ଅଫିସ, ୩୧।୫**

ବାଲେଶ୍ୱର ଜିଲାର ବାତ୍ୟା କ୍ଷତିଗ୍ରସ୍ତ ଅଞ୍ଚଳରେ ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ ତଥା ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ସେ କହିଛନ୍ତି ବାତ୍ୟା 'ୟାସ୍'ରେ ଅନ୍ୟ ଜିଲାଗୁଡିକଠାରୁ ବାଲେଶ୍ୱର ଜିଲା ଅଧିକ ପ୍ରଭାବିତ ହୋଇଛି। ଘରେ ଲୋକମାନଙ୍କ ପାଣି ପଶିଯାଇଛି। ପାନୀୟଜଳ ଅଭାବ ସହ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ରହିଛି। ପ୍ରଭାବିତ ଅଞ୍ଚଳକୁ ସୋମବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ଦଳୀୟ ବିଧାୟକ, ବିଧାୟକ ପ୍ରାର୍ଥୀ, ନେତୃବର୍ଗ ପରିଦର୍ଶନ କରିଛୁ। ସଦର ବ୍ଲକ ଅନ୍ତର୍ଗତ ଶ୍ରୀକୋଣା ପଞ୍ଚାୟତର ଚାରିଗୋଛିଆ ଓ ସାର୍ଥା ଅଞ୍ଚଳକୁ ଦେଖିଲେ ପ୍ରକୃତ ଦୁର୍ଦ୍ଦଶା ଜଣାପଡ଼ିବ। ଚାରିଆଡ଼େ ସମୁଦ୍ର ଲୁଣା ପାଣି ପଶିଯାଇଛି। ସେଥିପାଇଁ ଜଳ ନିଷ୍କାସନ ବ୍ୟବସ୍ଥା ସହ ବିଦ୍ୟୁତ୍ ସରବରାହ, ପାନୀୟଜଳ ବ୍ୟବସ୍ଥା, ଲୋକମାନଙ୍କୁ ସ୍ଥାୟୀ ପକ୍କା ଘର ଯୋଗାଇ ଦେବାର ପ୍ରାଥମିକତା ସୃଷ୍ଟି କରିଛି। ଅନ୍ୟପକ୍ଷରେ ଜିଲାରେ ପ୍ରବାହିତ ବୁଢ଼ାବଳଙ୍ଗ ନଦୀ ବନ୍ଧ ଦୁର୍ବଳ ଥିବା କାରଣରୁ ଜୁଆର ପାଣି ମାଡ଼ରେ ବନ୍ଧ ଭାଙ୍ଗି ଏଭଳି ସ୍ଥିତି ସୃଷ୍ଟି ହୋଇଛି। ଜଳ ପ୍ରବାହକୁ ଅଟକାଇବା ପାଇଁ ବିଭାଗ ତରଫରୁ କୌଣସି ପଦକ୍ଷେପ ନିଆଯାଇପାରିନାହିଁ। ପର୍ଯ୍ୟାପ୍ତ ପରିମାଣର ପାନୀୟ ଜଳ ବ୍ୟବସ୍ଥା, ବିଦ୍ୟୁତ୍ ସରବରାହରେ ଦୃଢ଼ୀକରଣ କମ୍ ସମୟ ମଧ୍ୟରେ କରାଯିବା ପାଇଁ ଜିଲା ପ୍ରଶାସନ ପାଇଁ ଗୁରୁତ୍ୱ ଦେବା, ଲୋକମାନଙ୍କୁ ରୋଜଗାର ଯୋଗାଇ ଦେବା ପାଇଁ ପନ୍ଥା ଆବଶ୍ୟକ ରହିଛି। ଏସବୁ କାମ ପାଇଁ ତୃଣମୂଳସ୍ତରରୁ ତଦାରଖ କରାଯିବା ଉଚିତ୍। ଅନ୍ୟପକ୍ଷରେ ମତ୍ସ୍ୟଚାଷୀମାନଙ୍କର ନଷ୍ଟ ହୋଇଥିବା ଚାଷକୁ ସର୍ଭେ କରି ପଞ୍ଜିକୃତ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବାର ପ୍ରକାଶ କରିଛନ୍ତି। ଖବରଦାତା ସମ୍ମିଳନୀରେ ଜିଲା ସଭାପତି ଉମାକାନ୍ତ ମହାପାତ୍ର, ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଓ ଜୀବନ ପ୍ରଦୀପ ଦାସ, ରାଜ୍ୟ ସମ୍ପାଦିକା ଶିପ୍ରା ବାଜପେୟୀ, ଜିଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା, ପ୍ରବକ୍ତା ଠାକୁର ରଞ୍ଜିତ ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୁଭଙ୍କର ମହାପାତ୍ର ଓ ଶୋଭନା ମହାନ୍ତି, ବିଧାୟକ ପ୍ରାର୍ଥୀ ମାନସ ଦତ୍ତ ଓ ଅଂଶୁମାନ ମହାନ୍ତି, ଜିଲା ସମ୍ପାଦକ ଆଶିଷ ଘୋଷ, ଜିଲା ମିଡିଆ ସଂଯୋଜକ ଶ୍ରୀନିବାସ ପ୍ରଧାନ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀ ସୂଚନା ଦେଉଛନ୍ତି।

## ବାତ୍ୟା କ୍ଷତିଗ୍ରସ୍ତଙ୍କୁ ତାର୍ପୋଲିନ୍

**ବାହାନଗା,୩୧।୫(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଅଧୀନ ବାତ୍ୟା କ୍ଷତିଗ୍ରସ୍ତ ପଞ୍ଚାୟତର ଲୋକଙ୍କୁ ବିଜେଡିର 'ଓଡ଼ିଶା ମୋ ପରିବାର' ପକ୍ଷରୁ ସୋମବାର ପାନୀୟ ଜଳ ଓ ତାର୍ପୋଲିନ୍ ବଣ୍ଟନ କରାଯାଇଛି। ଖରାସାହାପୁର,ଆରୁହାବାଡ଼ ଓ ବରିପଦା ପଞ୍ଚାୟତର ବିଭିନ୍ନ ସମୁଦ୍ରକୂଳବର୍ତ୍ତୀ ଗ୍ରାମର କ୍ଷତିଗ୍ରସ୍ଥ ପରିବାରଙ୍କୁ ବିଧାୟକ ପର୍ଶୁରାମ ଧଡ଼ାଙ୍କ ନେତୃତ୍ୱରେ ଏହି ସହାୟତା ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ଲକ ସଭାପତି ଅଜୟ କୁମାର ପଣ୍ଡା, ପ୍ରଦୀପ କୁମାର ଜେନା, ଆରୁହାବାଡ଼ ପଞ୍ଚାୟତର ସରପଞ୍ଚ ଶିଶିର କୁମାର ଅଗସ୍ତି, ବେଣୁଧର ପାଢ଼ୀ, ବରିପଦା ପଞ୍ଚାୟତର ଶରତ ଚନ୍ଦ୍ର ପାଢ଼ୀ, ରମାକାନ୍ତ ଦାଶ, ସରପଞ୍ଚ ନିବେଦିତା ନାୟକ, ମହେନ୍ଦ୍ର ମାଝି ପ୍ରମୁଖ ସହଯୋଗ କରିଥିଲେ।



କ୍ଷତିଗ୍ରସ୍ତଙ୍କୁ ତାର୍ପୋଲିନ ବଣ୍ଟନ କରାଯାଉଛି।

## ମାଲଗୋଦାମ ଶ୍ରମିକ ସଂଘ ପକ୍ଷରୁ ରନ୍ଧାଖାଦ୍ୟ

**ରାଇବଣିଆ, ୩୧।୫**

ଜଳେଶ୍ୱର ସତ୍ୟସାଇ ମନ୍ଦିର ପାଖ ଟାଉନହଲ୍ ପଡ଼ିଆରେ ଭାରତୀୟ ରେଲୱେ ମାଲଗୋଦାମ ଶ୍ରମିକ ସଂଘ ପକ୍ଷରୁ ବାତ୍ୟା 'ୟାସ୍' ଏବଂ କରୋନା ପ୍ରପୀଡ଼ିତ ଗରିବ ଓ ଭୂମିହୀନ ଲୋକଙ୍କୁ ରନ୍ଧାଖାଦ୍ୟ ବଣ୍ଟନ କରାଯାଇଛି। ସେହିପରି ୨ଶହରୁ ଊର୍ଦ୍ଧ୍ୱ ଲୋକଙ୍କୁ ମାସ୍କ ସାଙ୍ଗକୁ ସାନିଟାଇଜର୍ ଦିଆଯାଇଛି। ସରକାରଙ୍କ ସମସ୍ତ ଗାଇଡ଼ଲାଇନ୍‌କୁ ମାନି ଦୂରତ୍ୱ ଅବଲମ୍ବନ କରାଯାଇ ଏସବୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସାଉଥ୍ ଇଷ୍ଟର୍ଣ୍ଣ ରେଲୱେ ଜୋନ୍ ଇନଚାର୍ଜ ମନମୋହନ ସେଠୀ, ରାଜ୍ୟ ଜୋନ ଇନଚାର୍ଜ ନବଜୀବନ ଭୋଇ, ସୀମନ୍ତ କୁମାର ପଟ୍ଟନାୟକ, ବିଶ୍ୱଭୂଷଣ ଦାସ, ହରିପଦ କର, ଫାଲ୍‌ଗୁନି ପାଣିଗ୍ରାହୀ, ସ୍ପନ୍ଦନ ପଟ୍ଟନାୟକ, ରବୀନ୍ଦ୍ର ସିଂହ, ମନୋଜ ବେହେରା ଓ ସୁଶାନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ବାତ୍ୟା ପ୍ରଭାବ: ୨୫ରୁ ଊର୍ଦ୍ଧ୍ୱ ବୋଟ୍ କ୍ଷତିଗ୍ରସ୍ତ

**ରୂପ୍‌ସା, ୩୧।୫(ଡି.ଏନ.ଏ.)**

ବାତ୍ୟା ୟାସ୍ ପ୍ରଭାବରେ ବାଲେଶ୍ୱର ସଦର ବ୍ଲକ ଅଧୀନ ବାହାବଳପୁର ମାଛଧରା ଜେଟି ଅଞ୍ଚଳରେ ବୁଧବାର ବ୍ୟାପକ କ୍ଷତି ହୋଇଛି। ଜେଟି ଅଞ୍ଚଳରେ ଥିବା ୨୫ରୁ ଊର୍ଦ୍ଧ୍ୱ ବୋଟ୍ ଧକ୍କା ହୋଇ ଭାଙ୍ଗିରୁଜି ଯାଇଥିବା ବୋଟ୍ ମାଲିକମାନେ ଅଭିଯୋଗ କରିଛନ୍ତି। ଅପରପକ୍ଷରେ ଜୁଆରମାଡ଼ରେ ଶହେରୁ ଊର୍ଦ୍ଧ୍ୱ ବୋଟ୍ ସ୍ଥାନୀୟ ବନ୍ଧ ଓ ରାସ୍ତା ଉପରକୁ ଉଠି ବିପଦ ସୃଷ୍ଟି କରିଛି। ମାଛ ମାର୍କେଟ୍, ମତ୍ସ୍ୟଜୀବୀ ଓ ମତ୍ସ୍ୟ ବ୍ୟବସାୟୀ ସଂଘ କାର୍ଯ୍ୟାଳୟ, ଗଙ୍ଗାମାତା ମନ୍ଦିର ପରିସରରେ ୨ଫୁଟ୍ ଉଚ୍ଚତାରେ ଜୁଆର ପାଣି ପଶି ଜଳାର୍ଣ୍ଣବ ହୋଇଛି। ବହୁ ଦୋକାନ ଘର ଭିତରକୁ ପାଣି ପଶିବା ସହ ଟିଣ ଛପର ଉଡ଼ିଯାଇ ବ୍ୟବସାୟୀଙ୍କର କ୍ଷତି ଘଟିଛି। ଏଥିସହ ଶତାଧିକ ହେକ୍ଟର ପୋଖରୀରେ ହୋଇଥିବା ଚିଙ୍ଗୁଡ଼ି ଚାଷ ସମ୍ପୂର୍ଣ୍ଣ ନଷ୍ଟ ହୋଇଛି। ଚିଙ୍ଗୁଡ଼ି ଘେରି ଭିତରକୁ ଜୁଆରପାଣି ପଶି ଆଡ଼ିବନ୍ଧ ବୁଡ଼ିବା ଫଳରେ ଚିଙ୍ଗୁଡ଼ି ଚାଷୀ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଛନ୍ତି। କ୍ଷତିଗ୍ରସ୍ତ ବୋଟ୍ ମାଲିକ ଓ ଚିଙ୍ଗୁଡ଼ିଚାଷୀଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ମତ୍ସ୍ୟଜୀବୀ ସଂଘର ସଭାପତି ବିକାଶ ଦାସ, ସାଧାରଣ ସମ୍ପାଦକ ଗୋରା ଚାନ୍ଦ ଜେନା, ଯୁଗ୍ମ ସମ୍ପାଦକ ପ୍ରବୀର କୁମାର ସାହୁ, କାହ୍ନୁଚରଣ ବେରା, ଜୟଦେବ ସାହୁ, ବିବେକ ଦାସ ପ୍ରମୁଖ ଦାବୀ କରିଛନ୍ତି।



ଜେଟି ଅଞ୍ଚଳରେ କ୍ଷତିଗ୍ରସ୍ତ ବୋଟ୍।

**ଜୁଆର ପାଣି ପଶି ଚିଙ୍ଗୁଡ଼ି ଚାଷ ନଷ୍ଟ**

